# BLOOD DONATION CAMP

# AT

# SALIPUR AUTONOMOUS COLLEGE, SALIPUR ON 09/04/2025

## ସାଲେପୁର ସ୍ୱୟଂଶାସିତ କଲେଜରେ ରକ୍ତଦାନ ଶିବିର



ସାଲେପୁର, ୧୧ ।୪(ନି.ପ୍ର): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ତରଫରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡଃ ସଙ୍ଗୀତା ମିଶ୍ରଙ୍କ ନିର୍ଦ୍ଦେଶନାରେ ଜାତୀୟ ସେବା ଯୋଜନା ଜିଲ୍ଲା ମୁଖ୍ୟ ଅଧିକାରୀ ପ୍ରଫେସର ଜୟନ୍ତୀବାଳା ପରିଜା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମୁଖ୍ୟଅତିଥି ରୂପେ ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡ୍ କ୍ରସର ସମ୍ପାଦକ ତଥା ରାଜ୍ୟ ସଂଯୋଜକ ଡଃ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଥିଲେ । ଏନସିସି ଓ ୟୁଥ୍ ରେଡ୍ କ୍ରସ୍ ୟୁନିଟ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଓ ଏଥିରେ ୧୧୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହସ୍ପିଟାଲ ରକ୍ତଭଣ୍ଡାର ପକ୍ଷରୁ ଏକ ଟିମ୍ ଏହି କାର୍ଯ୍ୟ କରିଥିଲେ । କାର୍ଯ୍ୟକ୍ରମରେ ଯୁକ୍ତ ତିନି ଜାତୀୟ ସେବା ଯୋଜନା ଅଧିକାରୀ ଆର୍ଯ୍ୟପୁତ୍ରୀ ସ୍ଥିତପ୍ରଜ୍ଞା, ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ଅଧିକାରୀ ହୃଷୀକେଶ ମହାରଣା ପରିଚାଳନା କରିଥିଲେ ।

## ସାଲେପୁର କଲେଜରେ ରକ୍ତଦାନ ଶିବିର



ସାଲେପୁର, ୧୪/୪( ଇମିସ): ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଂଗୀତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡକ୍ରସ୍‌ର ସେକ୍ରେଟାରି ତଥା ରାଜ୍ୟ ସଂଯୋଜକ ଡକ୍ଟର ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ ଘାଟନ କରିଥିଲେ। ମହାବିଦ୍ୟାଳୟର ରେଡ୍‌କ୍ରସ୍ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ଭାରତ ସ୍କାଉଟ୍ ଗାଇଡ୍ ମୁଖ୍ୟ ଅଶୋକ କୁମାର ନାୟକ, ସ୍ୱାତୀମୁକ୍ତା ଷଡ଼ଙ୍ଗୀ, ଏନ୍‌ସିସି ଲେଫ୍ଟନାଣ୍ଟ ଜୀବନଜ୍ୟୋତି ପଟ୍ଟନାୟକ, ଲେଫ୍ଟନାଣ୍ଟ ସ୍ୱାତୀ ତନୟା ଆଚାରୀ, ଏନ୍‌ଏସ୍‌ଏସ୍ ଅଧିକାରୀ ଆର୍ଯ୍ୟପୁତ୍ରୀ ସ୍ଥିତପ୍ରଜ୍ଞା, ପ୍ରାଶାସନିକ ଅଧିକାରୀ ପ୍ରଫେସର ସ୍ୱାତୀ ପଣ୍ଡା, ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ଜୟବନ୍ଦନ ଜେନା, ଜୟନ୍ତୀବାଳା ପରିଜା, ହୃଷିକେଶ ମହାରଣା, ଅଧ୍ୟାପିକା ଡଃ ଜୟନ୍ତୀ ସାହୁ, ମୁଖ୍ୟ କିରାଣି ଯଯାତି ଲେଙ୍କା, ହିସାବ ରକ୍ଷକ ସଞ୍ଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ରକ୍ତଦାନ ଜୀବନ ଦାନ' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ନିଶ୍ଚିନ୍ତକୋଇଲିସ୍ଥିତ ବଲ୍ଲଭ ଦେବୀ ମହିଳା ମହାବିଦ୍ୟାଳୟ ଓ ବହୁଗ୍ରାମ ଡିଗ୍ରି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ରକ୍ତଦାନ କରିଥିଲେ।